Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R. Mohanty
Nodal Officer

**ସପ୍ତାହ –୨୮**

ନ.- ୬୩୪ (ଓଡିଆ ବୁଲେଟିନ)
ତାରିଖ-୧୧ .୦୭ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ଏବଂ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୨ ରୁ ୮ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨ ରୁ ୩୫ ଡିଗ୍ରୀ ସେଲସିଅସ ଓ ୨୦ ରୁ ୨୪ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ ସୂଚନା

- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ଏବଂ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ମୁଖ୍ୟ ଜମି କୁ ୭ ରୁ ୧୦ ଦିନ ଅନ୍ତରରେ ଦୁଇ ଥର କାଦୁଅ କରି ଭଲ ଭାବେ ସମତୁଲ କରି ଦିଅନ୍ତୁ ।
- ଧାନ ମୁଖ୍ୟ ଜମି ରେ କାଦୁଅ କରିବା ପାଇଁ ଓ ତାଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣି କୁ ବାନ୍ଧି ରଖନ୍ତୁ ।
- ଧାନ ତଳିଘେରାରେ ଠିଆ ପାଣି କିପରି ନରହିବ ସେଥି ପ୍ରତି ଧ୍ୟାନ ଦିଅନ୍ତୁ ।
- ପନିପରିବା ତଳିଘେରା କୁ ଅଧିକ ବର୍ଷା ରୁ ରକ୍ଷା ପାଇବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ ।
- ଆଖୁଗଛ ୪-୫ ମାସର ହୋଇଗଲେ ବିଳମ୍ବ ରେ ଆସିଥିବା ପିଲ ଗୁଡିକୁ ବାହାର କରି ତଳ ଶୁଖିଲା ପତ୍ର କୁ କାଢି ୨-୩ ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ ଆଗାମୀ ଚାରି ଦିନ ପର୍ଯ୍ୟନ୍ତ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ଓ ବିଦ୍ୟୁତ ଉପକରଣ ଏବଂ ପାଣି ମୋଟର ଚାଲୁ ନ ରଖିବାକୁ ପରାମର୍ଶ ଦିଆଯାଉଅଛି ।
- ଗାଈଗୋରୁ ମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣ ର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ । ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନ ରେ ସାଇତି ରଖନ୍ତୁ ଯେପରିକି ତାହା ଅଧିକ ବର୍ଷା ରେ ନଷ୍ଟ ନ ହୁଏ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ତଳିଘେରା ଅବସ୍ଥା | ❖ ଧାନ ତଳିଘେରା ରେ ଉକୁଣିଆ ପୋକ ଦେଖାଗଲେ ଶୁଖିଲା ପାଗ ଦେଖି ଏକର ପ୍ରତି NSKE ୮୦୦ ମିଲି କିମ୍ବା Lambda-Cyhyalothrin ୫% EC @ ୧୦୦ ମିଲି କିମ୍ବା Thiamethoxam ୨୫% WG @ ୪୦ ଗ୍ରାମ ପ୍ରୟୋଗ କରନ୍ତୁ ।<br>❖ ଘାସ ନିୟନ୍ତ୍ରଣ<br>ବୁଣା ଧାନ ୧୫ ରୁ ୨୦ ଦିନ ହୋଇ ଯାଇଥିଲେ ଓ ଘାସ ୩ ରୁ ୪ ପତ୍ର ଥିବା ଅବସ୍ଥା ରେ ଶୁଖିଲା ପାଗ ଦେଖି ରାସାୟନିକ ଉପାୟ ରେ ଘାସ ଦମନ ପାଇଁ ଏକର ପ୍ରତି ୮୦ – ମିଲି Bispyribac Sodium ୧୦% SC ଘାସମରା ଔଷଧ କିମ୍ବା Metsulfuron Methyl ୧୦% + Chlorimuron Ethyl ୧୦% WP ର ମିଳିତ ଘାସମରା ଔଷଧ ଏକର ପ୍ରତି ୮ ଗ୍ରାମ ଔଷଧ କୁ ୨୦୦ ଲିଟର ସଫା ପାଣି ରେ ମିଶାଇ Flat Fan କିମ୍ବା Flood Jet Nozzle ଥିବା ସ୍ପ୍ରେୟର ରେ ସିଂଚନ କରନ୍ତୁ। |
| ମକା | ଲଗାଇବା ଅବସ୍ଥା | ❖ ମକା ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ହୋଇ ଯାଇଥିଲେ ଘାସ ବାଛି ଜମିକୁ କୋଡାଖୁସା କରି ହୁଡା ଟେକି ଦିଅନ୍ତୁ । ଏହି ସମୟରେ ଏକର ପ୍ରତି ୫୫ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଫଲ୍ ଆର୍ମି ୱର୍ମ, ନାମକ କୀଟର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୧୦୦ ମିଲି Spinetoram ନାମକ କୀଟନାଶକ କିମ୍ବା ୮୦ ମିଲି Chlorantraniliprole ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ଲଗାଇବା ଅବସ୍ଥା | ❖ ଚିନାବାଦାମ ଫସଲ ରେ ମଞ୍ଜି ବୁଣିବା ସମୟ ରେ ପ୍ରାକ ତୃଣକମାରୀ-ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ପାଗ ଶୁଖିଲା ଦେଖି ଏକର ପ୍ରତି ୩୦୦ ମିଲି ଇମାଜେଥାପିର (Imazethapyr) ନାମକ ଘାସମରା ଔଷଧ କିମ୍ବା ୪୦୦ ମିଲି କୁଇଜାଲୋଫପ ଇଥାଇଲ (Quizalofop Ethyl) ନାମକ ଘାସମରା ଔଷଧ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ମାଣ୍ଡିଆ | ଲଗାଇବା ଅବସ୍ଥା | ❖ ବିହନ ବୁଣିବା କିମ୍ବା ରୋଇବା ପୂର୍ବ ରୁ ବିହନ କିଲୋଗ୍ରାମ ପ୍ରତି ୨ଗ୍ରାମ Carbendazim 50% WP କିମ୍ବା ୩ ଗ୍ରାମ Thiram ୭୫ % WP ମିଶାଇ ବିଶୋଧନ କରନ୍ତୁ । ମାଣ୍ଡିଆ ଧାଡିବୁଣା କଲେ ଏକର ପ୍ରତି ୩ କିଲୋଗ୍ରାମ ଓ ଛଟାବୁଣା କଲେ ଏକର ପ୍ରତି ୪ କିଲୋଗ୍ରାମ ବିହନ ଦରକାର ହୁଏ। ଧାଡି କୁ ଧାଡି ୨୫ ସେ.ମି ବ୍ୟବଧାନ ରେ ୩-୪ ସେ.ମି ଗଭୀରରେ ବିଶୋଧିତ ବିହନ ବୁଣିବା ଆବଶ୍ୟକ । ରୁଆ ପ୍ରଣାଳୀରେ ମାଣ୍ଡିଆ ଚାଷ କଲେ ଏକର ପ୍ରତି ୨.୫ କିଲୋଗ୍ରାମ ବିହନ ଆବଶ୍ୟକ ହୁଏ । ୨୫ ରୁ ୩୦ ଦିନର ଚାରାକୁ ଧାଡି କୁ ଧାଡି ୨୦ ସେ.ମି ଓ ଗଛ କୁ ଗଛ ୧୦ ସେ.ମି ବ୍ୟବଧାନ ରଖି ବୁଦା ପ୍ରତି ଦୁଇ ଟି ଲେଖାଏଁ ତଳି ୩ ସେ.ମି ଗଭୀରରେ ରୁଅନ୍ତୁ। ମାଣ୍ଡିଆର କିଛି ଉନ୍ନତ କିସମ ଗୁଡକି ହେଲା ଦିବ୍ୟାସିଙ୍ଘ, ଚିମ୍ପାବତୀ, ନୀଳାଚଳ, VL-149, VL-376, ଗୋଦାବରୀ, ଭୈରବୀ, ଶ୍ୱେତା ଇତ୍ୟାଦି । |
| ଅମୃତଭଣ୍ଡା | ଲଗାଇବା ଅବସ୍ଥା | ❖ ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ । ହନି ଡିୟୁ, କୁର୍ଗ ହନି ଡିୟୁ, CO-1, CO-2, ପୁଷା ଡେଲିଶିୟଶ, ପୁଷା ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ । ୨.୫ x ୨.୫ ମି ଦୂରତାରେ ୦.୫ x ୦.୫ x ୦.୫ ମିଟର ଗାତକରି ଗଛ ଲଗାନ୍ତୁ । ବଳିଷ୍ଠ ଓ ନିରୋଗ ତଳି କିମ୍ବା ଟିସୁ କଲଚର ତଳି ଲଗାନ୍ତୁ । |

| | | |
|---|---|---|
| ପନିପରିବା<br><br>(ଭେଣ୍ଡି, କଖାରୁ , କଲରା, ଜହ୍ନି ଓ କାକୁଡି) | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ବର୍ତମାନ ସମୟରେ ବିଭିର୍ଣ୍ଣ ପନିପରିବାରେ ସାହେବୀ ରୋଗ ହେବାର ସମ୍ଭାବନା ଅଛି । ଏହା ଏକ ଭୂତାଣୁ ଜନିତ ରୋଗ ଯାହାକି ଧଳାମାଛି ଓ ଅନ୍ୟ ଶୋଷକ କୀଟ ଗୁଡିକ ଦ୍ଵାରା ବ୍ୟାପିଥାଏ।<br>❖ ଏହି ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ Imidacloprid ସହ ବିହନ ବିଶୋଧନ ନିହାତି ଜରୁରୀ । ଏହି ରୋଗର ବାହକ ଗୁଡିକ ପରିଚାଳନା ପାଇଁ ମଞ୍ଜି ଗଜା ହେବାର ୧୦-୧୨ ଦିନ ପରେ ଏକର ପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ।<br>❖ ପ୍ରାଥମିକ ଅବସ୍ଥାରେ ମଞ୍ଜି ଗଜା ହେବାର ୧୫ ଦିନ ପରେ ଏକର ପ୍ରତି ୬୦୦-ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractin କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>❖ ପୋକ ଆକ୍ରମଣ ଅଧିକ ହେଲେ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| କାଜୁ | ଲଗାଇବା ଅବସ୍ଥା | ❖ ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ଉନ୍ନତ କିସମ ଯଥା Vengrulla-୧.୪, BPP-୪, ଭୁବନେଶ୍ୱର-୧, VRI-୨, Hybrid ୨-୧୭ ଲଗାନ୍ତୁ । ୪୫ ବର୍ଗ ମିଟର ଗାତ ୭.୫ ବର୍ଗ ମିଟର ବ୍ୟବଧାନରେ ୭୦-୮୦ ଟି ଗଛ ଏକର ପ୍ରତି ଲଗାନ୍ତୁ । ଗାତ ପ୍ରତି ୧୧୦ : ୬୦ ଯାବକ୍ଷାରଜନ ଓ ଫସଫରସ ପ୍ରୟୋଗ କରନ୍ତୁ । |
| ଆମ୍ବ | | ❖ ଜୁଲାଇ ଓ ଅଗଷ୍ଟ ହେଉଛି ଆମ୍ବ ଲଗାଇବାର ଉପଯୁକ୍ତ ସମୟ । ବାଇଗଣପଲ୍ଲୀ, ତୋଟାପରୀ, ବୋମ୍ବେ ଗ୍ରୀନ, ସୁବର୍ଣ୍ଣରେଖା, ନୀଲମ୍. ହିମସାଗର, ଲାଙ୍ଗ୍ରା, ଦଶେରୀ, କିଶାନଭୋଗ, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମଖେଳ, ରୁମାନି, ସିନ୍ଧୁ, ଆଲଫାନସୋ ଓ କେଶର ଇତ୍ୟାଦି କିସମ ଲଗାନ୍ତୁ । ଶାଖା ନଥିବା କଲମି ଚରା କୁ ୧ x ୧ x ୧ମିଟର ଗାତ ରେ ୧୦ x ୧୦ମିଟର ବ୍ୟବଧାନ ରେ ରୋପଣ କରନ୍ତୁ । ଗଛ ଲଗାଇବା ପୂର୍ବ ରୁ ଯାବକ୍ଷାରଜନ : ଫସଫରସ: ପୋଟାସ ସାର କୁ ୮୦ :୧୦୦:୬୦ ଗ୍ରାମ ଅନୁପାତ ରେ ଓ ୨ ଝୁଡି ଶଢା ଗୋବର ଖତ କୁ ଗାତ ପ୍ରତି ପ୍ରୟୋଗ କରନ୍ତୁ । |
| କନ୍ଦମୂଳ | | ❖ ଜୁନ୍ ଓ ଜୁଲାଇ ମାସରେ କନ୍ଦମୂଳ ଫସଲ ଲଗାଇବା ପାଇଁ ଉପଯୁକ୍ତ \| ଗୌରୀ, ଭୁବନ ଶଙ୍ଖ, ପୁଷା ସଫେଦ ଏବଂ ସମ୍ରାଟ ଆଦି କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ \| କନ୍ଦମୂଳ ଡଙ୍କ ସାଧାରଣତଃ ବିହନ ଆକାରରେ ଲଗାଯାଏ \| 60 ସେମି ବ୍ୟବଧାନରେ ହୁଡା ଟେକି 100 ରୁ 125 ଗାମ୍ ଓଜନର ସୁସ୍ଥ ସବଳ କନ୍ଦମୂଳ 25 ସେମି ବ୍ୟବଧାନରେ ଲଗାନ୍ତୁ \| 40 ରୁ 45 ଦିନରେ ତଳିଘେରାରୁ 20 ରୁ 30 ସେମି ଲମ୍ବର ସୁସ୍ଥ ସବଳ ଡଙ୍କ କାଟି ମୂଖ୍ୟ କିଆରିରେ ଲଗାନ୍ତୁ \| |
| ସେବତୀ | ଲଗାଇବା ଅବସ୍ଥା | ❖ ସେବତୀ ଫୁଲ ଜୁନ୍ ଓ ଜୁଲାଇ ମାସ ଯାଏଁ ଲଗାଯାଇପାରିବ । ହଳଦିଆ- ଚନ୍ଦ୍ରମା, ସୁପର ଜାଏଣ୍ଟ, ଇଭିନିଂ ଷ୍ଟାର୍, ଧଳା- ବିଉଟି, ସ୍ନୋ ବଲ୍, ଇନୋସେନ୍ସ, ପ୍ରିମିୟର୍ ଲାଲ୍- ବ୍ରାଭେ, ରଷ୍ଟିକ୍, ଆଲ୍ଲେଡ୍, ୱିଲ୍ସନ୍ ଆଦି କିସମ ଲଗାନ୍ତୁ । ଚେର ହୋଇଥିବା ଗଛ ଖଣ୍ଡ ବା ପୁଆ ବିହନ ଆକାରରେ ଲଗା ହୋଇଥାଏ । ଧାଡି କୁ ଧାଡି ୩୦ ଓ ଗଛ କୁ ଗଛ ୩୦ ସେମି ବ୍ୟବଧାନ ରଖି ବିହନ ଲଗାନ୍ତୁ । |
| ପଶୁ ସମ୍ପଦ | ❖ ବର୍ଷା ଋତୁରେ ପଶୁମାନଙ୍କ ମଧ୍ୟରେ ରୋଗ ବ୍ୟାପିବାର ସମ୍ଭାବନା ବଢ଼ିଯାଇ ଥାଏ, ତେଣୁ ମୌସୁମୀ ବାୟୁ ପ୍ରବାହ ହେବା ଆଗରୁ ପଶୁମାନଙ୍କର ଟୀକାକରଣ ନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କୁ ସୁସ୍ଥ ରଖିବା ପାଇଁ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ ।<br>❖ ଗୁହାଳ ଘର ଛାତ ନଷ୍ଟ ହେଇଯାଇଥିଲେ କିମ୍ବା ପାଣି ଗଳୁଥିଲେ ତୁରନ୍ତ ତାହାର ମରାମତି କରିଦିଅନ୍ତୁ । | |

| | |
|---|---|
| କାର୍ପ ଜାତୀୟ ମାଛ ଚାଷ | ❖ ଶୀଘ୍ର ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ  ଅନୁପାତ ୪:୩:୩ ଭାଗ ରେ ଚାଷ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ ।<br>❖ ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ ଅଙ୍ଗୁଳିଆ ଯାଆଁଳ ଛଡ଼ାଯାଏ। ମାଛ ମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡିଆ କୁଣ୍ଡା ସମାନ ଅନୁପାତ ରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ ଭାଗ ଖାଇବାକୁ ଦିଆଯାଏ । ଗୋବର, ୟୁରିଆ ଓ ସୁପର ଫୋସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ। |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି
ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷିୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)
(iOS: https://apps.apple.com/in/app/meghdoot/id1474048155)